# ୨୫୨ ଭିନ୍ନକ୍ଷମଙ୍କୁ ଶୀତବସ୍ତ୍ର ବଣ୍ଟନ



**ତାଳଚେର,୧୬।୧(ମନୋଜ ନନ୍ଦ)**
ତାଳଚେର ବ୍ଲକ କଳମଛୁଇଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କଣିହାଁସ୍ଥିତ ଉତ୍କଳମଣି ଗୋପବନ୍ଧୁ ଅନ୍ଧ କଲ୍ୟାଣ ସମିତି ପକ୍ଷରୁ ଭିନ୍ନକ୍ଷମମାନଙ୍କୁ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ସୁଧାକର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଧନେଶ୍ୱର ସାହୁ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଦୁଃଖବନ୍ଧୁ ସାହୁ, ସମ୍ମାନିତ ଅତିଥି ଭାବେ ଦୈତାରୀ ସାହୁ, ସରପଞ୍ଚ ଅନୀଲ କୁମାର ପ୍ରଧାନ, ମା’ ହିଙ୍ଗୁଳା ପାଠାଗାର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ଦୁର୍ଯ୍ୟୋଧନ ସାହୁ, ଦିବାକର ବାରିକ, ଗଗନ ବିହାରୀ ସାହୁ, ଜଗବନ୍ଧୁ ବାରିକ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ୨୫୨ ଜଣ ଭିନ୍ନକ୍ଷମଙ୍କୁ ସମିତି ପକ୍ଷରୁ ଅନ୍ନଦାନ ଓ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା। ସମିତି ସମ୍ପାଦକ କାଳିନ୍ଦୀ ଚରଣ ପ୍ରଧାନ, ଅବନୀ ସାହୁ, ରୋହିତ ପ୍ରଧାନ, ଜିତେନ୍ଦ୍ର ସାହୁ, ସୁଶାନ୍ତ କୁମାର ସାହୁ, ସମର ବଲ୍ଲଭ ପ୍ରଧାନ, ଦୁଃଖିଆ ସାହୁ, ଅଇଁଠୁ ସ୍ୱାଇଁ, ବିଜୟ ସାହୁ, ପ୍ରାଣବନ୍ଧୁ ସ୍ୱାଇଁ, ବଳିଆ ସାହୁ, ପ୍ରଭାକର ପ୍ରଧାନ, ମହର୍ଗା ସ୍ୱାଇଁ, ଶୁଭକାନ୍ତ ସ୍ୱାଇଁ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଟୋଲକବେଢ଼ାରେ ମକର ମହୋତ୍ସବ

**ତାଳଚେର,୧୬।୧(ମନୋଜ ନନ୍ଦ)**
କଣିହାଁ ବ୍ଲକର ଟୋଲକବେଢା, ବଡ଼ହୀରା, ଭୁଇଁପୁର, କୁଲେଇ ଆଦି ଅଞ୍ଚଳରେ ମଙ୍ଗଳବାର ମକରଯାତ୍ରା ପାଳିତ ହୋଇଛି। ଏହି ଅବସରରେ ଗ୍ରାମରେ ଥିବା ବହୁ ପ୍ରାଚୀନ ଗୁମ୍ଫା ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ଗୁମ୍ଫା ତଳେ ବହି ଯାଇଥିବା ଟିକିରା ନଦୀରେ ଭକ୍ତମାନେ ଦୀପ ଦାନ କରିଥିଲେ। ନଦୀପାର ହୋଇ ପାହାଡ଼ ତଳେ ଥିବା ବିଷ୍ଣୁ ମନ୍ଦିର ଦର୍ଶନ କରିଥିଲେ। ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ଆଶୋକ ମହାନ୍ତି, ପୂର୍ବତନ ଏମ୍‌ପି ମହେଶ ସାହୁ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ସ୍ଥାନୀୟ ଲୋକ ପ୍ରତିନିଧି, ଯୁବନେତା ସୁନୀଲ ପ୍ରଧାନ, ନିର୍ମଳ ସାହୁଙ୍କ ସହିତ ବୁଦ୍ଧିଜୀବୀ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଭୁଇଁପୁର ଗ୍ରାମରେ ରାଧାକୃଷ୍ଣ ଠାକୁରଙ୍କୁ ବିମାନ ଯୋଗେ ଏକ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇଥିଲା। ସମଲ ଥାନା କୁଲେଇ ଗ୍ରାମରେ ମଧ ମକର ଯାତ୍ରା ପାଳନ କରାଯାଇଛି।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ତାଳଚେର,୧୬।୧(ମନୋଜ ନନ୍ଦ)**
ତାଳଚେର ବ୍ଲକ ଗୋପାଳପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ବନବାସପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ଜ୍ୟୋତିଷଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଶିକ୍ଷା କମିଟି ସଭାପତି ବିଶ୍ୱମ୍ଭର ଜ୍ୟୋତିଷ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଖଗେଶ୍ୱର ବେହେରା, ମୁଖ୍ୟବକ୍ତା ଭାବେ ଶିଶୁ କିଶୋର ପତ୍ରିକା ‘ଆମ କୁନାକୁନି’ର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଓ କଳମଛୁଇଁ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜିକା ପ୍ରତିମା ତରାଇ, ସମ୍ମାନିତ ଅତିଥି ଭାବେ ସୁଶାନ୍ତ କୁମାର ଜ୍ୟୋତିଷ, ଗୋକୁଳାନନ୍ଦ ବାରିହା, ଗ୍ରାମ ସଭାପତି ହେମନ୍ତ ଜ୍ୟୋତିଷ ଓ ସମ୍ପାଦକ ଜୟନ୍ତ ଜ୍ୟୋତିଷ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅନ୍ତର୍ଯ୍ୟାମୀ ଜ୍ୟୋତିଷ ଓ ଟୁନା ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ସାର୍ଟଫିକେଟ୍ ଓ ଉପଢୌକନ ଦେଇ ପୁରସ୍କୃତ କରିଥିଲେ। ପରିଚାଳନା ସମିତି ସଦସ୍ୟ ଟୁନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସିନ୍ଧୁ ପ୍ରଧାନ, ରଶ୍ମିତା ବେହେରା, ଗଗନ କୁମାର ଭୋଇ ଓ ସନ୍ଦେହ ପ୍ରଧାନ ସହଯୋଗ କରିଥିଲେ।

# ଅନନ୍ତ ଡିଏଭିରେ ବ୍ୟାସକବିଙ୍କ ଜୟନ୍ତୀ

**ତାଳଚେର,୧୬।୧(ମନୋଜ ନନ୍ଦ)**
ତାଳଚେରସ୍ଥିତ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ ଅନନ୍ତବିହାର ପରିସରରେ ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଅନନ୍ତ ଡିଏଭି ଅଧ୍ୟକ୍ଷା ଜ୍ୟୋତି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟାସକବିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଛାତ୍ରୀ ଅଭିପ୍ସା ପି. କର ଫକୀରମୋହନଙ୍କ ଜୀବନୀ ଓ କୃତୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ କରୁଣାକର ସାହୁଙ୍କ ଦ୍ୱାରା ଫକୀରମୋହନଙ୍କ ଜୀବନୀ ଆଧାରିତ ଏକ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ବିଭାଗ ମୁଖ୍ୟ ଡ. ଅନ୍ତର୍ଯ୍ୟାମୀ ସାହୁ ଫକୀରମୋହନଙ୍କ ଜୟନ୍ତୀ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କୁଇଜ୍‌ରେ ସଫଳତା ହାସଲ କରିଥିବା ପିଲାମାନଙ୍କୁ ଅଧ୍ୟକ୍ଷା ପୁରସ୍କୃତ କରିବା ସହିତ ପୁସ୍ତକ କ୍ରୟ ଓ ପଠନ ସ୍ପୃହାକୁ ବଢ଼ାଇବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷକ ଅଞ୍ଜନ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ଉଦ୍ଭିଦ ବିଜ୍ଞାନ ବିଭାଗର କର୍ମଶାଳା ଉଦ୍‌ଯାପିତ


କର୍ମଶାଳାରେ ମଞ୍ଚାସୀନ ଆୟୋଜକମାନେ।

**ତାଳଚେର,୧୬।୧(ମନୋଜ ନନ୍ଦ)**
କଲିକତାସ୍ଥିତ ଭାରତୀୟ ବନସ୍ପତି ସର୍ବେକ୍ଷଣ ଓ ତାଳଚେର ମହାବିଦ୍ୟାଳୟର ମିଳିତ ଉଦ୍ୟମରେ ମହାବିଦ୍ୟାଳୟ ପରିସରରେ ‘ଉଦ୍ଭିଦ ଚିହ୍ନଟ, ଚେରମୂଳି ସଂଗ୍ରହ ବ୍ୟବସ୍ଥା ଓ ନାମପଦ୍ଧତି’ ଶୀର୍ଷକ ୨ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସର୍ବେକ୍ଷଣ ସଂସ୍ଥାର ସଂଯୋଜକ ଡ. ଜେ.ଏସ୍. ଜଲାଲ ଓ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ସୁରେଶ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାକୁ ଅଧ୍ୟକ୍ଷ ସୁବ୍ରତ ଦାସ ଉଦ୍‌ଘାଟନ କରିଥିଲେ। ବିଷୟ ବିଶାରଦ ଭାବେ ଡ. ଗୋପାଳ କ୍ରିଷ୍ଣନ୍, ଡ. ଶ୍ୟାମ ବିଶ୍ୱାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି କର୍ମଶାଳାରେ ଅନୁଗୋଳ ସରକାରୀ ମହାବିଦ୍ୟାଳୟ, ମାଲ୍ୟଗିରି ମହାବିଦ୍ୟାଳୟ ପାଲଲହଡ଼ା, ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ, ନୀଳକଣ୍ଠେଶ୍ୱର ଡିଗ୍ରୀ ମହାବିଦ୍ୟାଳୟରୁ ୧୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଡ. ସରୋଜ ରଥ, ଅଧ୍ୟାପକ ରୋହିତ ମିଶ୍ର, ଅଧ୍ୟାପିକା ସୁଭଦ୍ରା ସାହୁ, ସନ୍ତୋଷ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ମନ୍ଦିର ପ୍ରତିଷ୍ଠା ନିମନ୍ତେ ୨୪ କୁଣ୍ଡୀୟ ଯଜ୍ଞ

**ତାଳଚେର,୧୬।୧(ମନୋଜ ନନ୍ଦ)**
ତାଳଚେର ପୌରପରିଷଦ ନବମିଶ୍ର କଲୋନୀଠାରେ ୩ଟି ଭବ୍ୟମନ୍ଦିର ପ୍ରତିଷ୍ଠା ନିମନ୍ତେ ୨୪ କୁଣ୍ଡୀୟ ଯଜ୍ଞର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ ପରିବାର ଓ କଲୋନୀବାସୀଙ୍କ ସହାୟତାରେ ଯଜ୍ଞକାର୍ଯ୍ୟ କରାଯାଇଥିଲା। କର୍ତ୍ତା ଭାବେ ମନୋଜ ସାହୁ ଓ ପଣ୍ଡିତ ପ୍ରସନ୍ନ ପତିଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ନୂତନ ଭାବେ ନିର୍ମାଣ କରାଯାଉଥିବା ଭବ୍ୟ ମନ୍ଦିରରେ ଜଗନ୍ନାଥ, ମା’ ଗାୟତ୍ରୀ ଦେବୀ ଓ ମହାକାଳେଶ୍ୱରଙ୍କ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଆସନ୍ତା ୨୭ ତାରିଖ ଠାରୁ ୫ଦିନ ବ୍ୟାପୀ ହେବ ବୋଲି ମହେନ୍ଦ୍ର କର ପ୍ରକାଶ କରିଛନ୍ତି।



# ଡିଏଭି ଜଗନ୍ନାଥ କ୍ଷେତ୍ରରେ ପୁସ୍ତକ ମେଳା

**ତାଳଚେର,୧୬।୧(ମନୋଜ ନନ୍ଦ)**
ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଡିଏଭି ଜଗନ୍ନାଥ କ୍ଷେତ୍ରରେ ପୁସ୍ତକ ମେଳା ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ କୋଇଲା କ୍ଷେତ୍ର ପ୍ରବନ୍ଧକ ଅଶୋକ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନ୍ୟଗଣ୍ୟ ଅଧିକାରୀ ମଧ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର, ଅବିଭାବକ ମନପସନ୍ଦର ପୁସ୍ତକ କ୍ରୟ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଶୁକ୍ଳା ଚକ୍ରବର୍ତ୍ତୀ ଏହାକୁ ଭୂୟସୀ ପ୍ରଶଂସା କରିଥିଲେ। ଗ୍ରନ୍ଥଗାରିକ ସତ୍ୟଜିତ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମାପନ ହୋଇଥିଲା।

# ଛାତ୍ରୀମାନଙ୍କୁ ସୁରକ୍ଷାଦେବା ଆବଶ୍ୟକ

**ବଇଣ୍ଡା,୧୬।୧(ପରିକ୍ଷିତ ସାହୁ)**
କିଶୋରନଗର ବ୍ଲକ ଅଙ୍ଗପଡା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ବଳରାମ ପ୍ରଧାନ ଉଦ୍‌ଘାଟନ କରିବା ସହ ଛାତ୍ରୀମାନଙ୍କୁ ସବୁବେଳେ ସୁରକ୍ଷା ଦେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପିକା କ୍ରୀଷ୍ଣାରାଣୀ ସାହୁ, ଅଧ୍ୟାପକ ଜ୍ଞାନେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୭୩ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରିୟଦର୍ଶିନୀ ପ୍ରଧାନ ପ୍ରଶିକ୍ଷକ ଭାବେ ଯୋଗଦେଇ ଛାତ୍ରୀମାନେ କିଭଳି ସୁରକ୍ଷିତ ଅବସ୍ଥାରେ ରହିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।



# ବେଦ ପାରାୟଣ ଯଜ୍ଞ ଓ ବାର୍ଷିକ ଉତ୍ସବ



**ପବିତ୍ରନଗର,୧୬।୧(ନିରୋଜ କୁମାର ପ୍ରଧାନ)**
କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ବେଦ ଭବନର ୫୧ କୁଣ୍ଡୀୟ ବେଦ ପାରାୟଣ ଯଜ୍ଞ ଓ ୪୯ ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ସାନ୍ଧ୍ୟ ଉପାସନା, ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁକୁଳ ଆଶ୍ରମର ମୁଖ୍ୟାଧିଷ୍ଠାତା ତଥା ଶିବାନନ୍ଦ ତପୋଭୂମିର ପ୍ରତିଷ୍ଠାତା ଆଚାର୍ଯ୍ୟ ଦେବବ୍ରତଜୀଙ୍କ ପୌରୋହିତ୍ୟରେ ରେଙ୍ଗାଳି ଦୟାନନ୍ଦ ବୈଦିକ ସାଧନ ଆଶ୍ରମର ସ୍ୱାମୀ ଶ୍ରୀସତ୍ୟ ସରସ୍ୱତୀ, ପଣ୍ଡିତ ଜଗବନ୍ଧୁ ଶାସ୍ତ୍ରୀ, ବ୍ରହ୍ମଚାରୀ ବିଭୂତିଜୀ, ଶ୍ରୀକାନ୍ତ ବ୍ରହ୍ମଚାରୀଜୀ ପ୍ରମୁଖ ଯୋଗଦେଇଥିଲେ। ବେଦ ଭବନ ସଭାପତି ତଥା ଅଧୀକ୍ଷଣ ଯନ୍ତ୍ରୀ ସୁରୋଜ ପାତ୍ର ଓ ପ୍ରାଚୀ ସାହୁ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସାମାଜିକ କର୍ମୀ ଜଗମୋହନ ପ୍ରଧାନ, ଆର୍ଯ୍ୟ ପ୍ରଫୁଲ୍ଲ ସାମଲ ପ୍ରମୁଖ ଯୋଗଦେଇଥିଲେ। ବୈଦିକ ଯଜ୍ଞାନୁଷ୍ଠାନ କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲାବେଳେ ସଦସ୍ୟ ହିମାଦ୍ରି ସାହୁ, ପ୍ରସନ୍ନ ସାହୁ, ହୃଦୟ ପ୍ରଧାନ, ପଙ୍କଜ ସାମଲ, ବିଜୟ ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ମୁଦ୍ରାସ୍ଫୀତି ସମ୍ପର୍କରେ ଆଲୋଚନାଚକ୍ର

**ବଇଣ୍ଡା,୧୬।୧(ପରିକ୍ଷିତ ସାହୁ)**
ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଅର୍ଥନୀତି ବିଭାଗ ପକ୍ଷରୁ ମୁଦ୍ରାସ୍ଫୀତି ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ଅଧ୍ୟାପକ ସଚ୍ଚିଦାନନ୍ଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଦ୍ରାସ୍ଫୀତି ଉପରେ ଆଲୋକପାତ କରିବା ସହ ଭାରତର ମୁଦ୍ରାସ୍ଫୀତି ଗତିଶୀଳତାର କାରଣ ଏବଂ ପରିଣାମ ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଦୀପେନ୍ଦ୍ର ନାୟକ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଲିପୁ ସେନାପତି ମଞ୍ଚ ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସୁଶ୍ରୀ ଆଦିମାତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




# ଜ୍ୟୋତିର୍ବିଦ୍‌ଙ୍କୁ ଜ୍ୟୋତିଷ ଶିରୋମଣି ସମ୍ମାନ

**ବଇଣ୍ଡା,୧୬।୧(ପରିକ୍ଷିତ ସାହୁ)**
ଅନୁଗୋଳ ଜିଲା କୁଶକିଳା ଗାଁର ଜ୍ୟୋତିର୍ବିଦ ଡାଲଟନ ମହାପାତ୍ର ଜ୍ୟୋତିଷ ଶିରୋମଣି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱରର ଏକ ହୋଟେଲ୍‌ଠାରେ ଇଣ୍ଡିଆନ ବାସ୍ତୁ ଆଣ୍ଡ ଆଷ୍ଟ୍ରୋଲୋଜିକାଲ ରିସର୍ଚ୍ଚ ସେଣ୍ଟର ତରଫରୁ ଆୟୋଜିତ ଅନ୍ତର୍ଜାତୀୟ କର୍ମଶାଳାରେ ମହାପାତ୍ରଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଆୟୋଜକ ସଂସ୍ଥା ମୁଖ୍ୟ ପୀୟୂଷ ପିପାସୁ ଦାସ ଅଧ୍ୟକ୍ଷତା କରିଥିବାବେଳେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କର୍ମଶାଳାରେ ଦେଶ ଓ ବିଦେଶର ବହୁ ଜ୍ୟୋତିର୍ବିଦ ସାମିଲ ହୋଇଥିଲେ। କର୍ମଶାଳାରେ ଜ୍ୟୋତିର୍ବିଦ ଡାଲଟନ ଠିକ୍ ଗଣନା, ସରଳ ଉପଚାର ଦ୍ୱାରା ବିଭିନ୍ନ ସମସ୍ୟାର ସମାଧାନ ନେଇ ଦକ୍ଷତା ପ୍ରତିପାଦନ କରିଥିବାରୁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଜ୍ୟୋତିର୍ବିଦ ହଳଧର ହୋତା, ନନ୍ଦକିଶୋର ପୁରୋହିତ, କୃଷ୍ଣଚନ୍ଦ୍ର ମହାପାତ୍ର, ସୁଲୋଚନା ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ସମ୍ମାନ ପାଇଁ ମହାପାତ୍ରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।




## ଗଛ ଲଗାଅ, ଜୀବନ ବଞ୍ଚାଅ ବାର୍ତ୍ତା ନେଇ ଗଣଦୌଡ଼

**ପରଜଙ୍ଗ, ୧୬।୧(ନିଗମାନନ୍ଦ ଦଳବେହେରା)**
ପରଜଙ୍ଗ ବ୍ଲକ ଜହ୍ନାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆସନ୍ତା ୧୯ ତାରିଖରେ ଶତବାର୍ଷିକ ଉତ୍ସବ ପାଳନ କରାଯିବ। ଏଥିପାଇଁ ମକର ସଂକ୍ରାନ୍ତି ଉପଲକ୍ଷେ ବିଦ୍ୟାଳୟର ପୂର୍ବତନ ଛାତ୍ରୀଛାତ୍ରମାନେ ‘ଗଛ ଲଗାଅ, ଜୀବନ ବଞ୍ଚାଅ’ ବାର୍ତ୍ତା ନେଇ ଏକ ଗଣଦୌଡ଼ କରିଥିଲେ। ପରଜଙ୍ଗ ମିନି ଷ୍ଟାଡିୟମଠାରେ ଜହ୍ନାପଡ଼ା ଗ୍ରାମର ବରିଷ୍ଠ ବ୍ୟକ୍ତି ତଅଁଲୁ ସାହୁ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ଷ୍ଟାଡିୟମରୁ ବାହାରି ପରଜଙ୍ଗ ବ୍ଲକ, ହାଇସ୍କୁଲ, ଡାକ୍ତରଖାନା, ବସଷ୍ଟାଣ୍ଡ, ଥାନା, ତହସିଲ କାର୍ଯ୍ୟାଳୟ ଦେଇ କନ୍ଦରସିଂହା ଗ୍ରାମର ଭାଲୁମୁଣ୍ଡା ଛକ, ହାଇସ୍କୁଲ ଛକ ଦେଇ କଟରାପଡ଼ା ଗ୍ରାମ ଦେଇ ଖଣ୍ଡୁଆଳମୁଣ୍ଡା ଗ୍ରାମ ଦେଇ ଜହ୍ନାପଡ଼ାରେ ଶେଷ ହୋଇଥିଲା।

# ସ୍ୱୟଂଶ୍ରୀ ନୃତ୍ୟ ଅନୁଷ୍ଠାନର ବାର୍ଷିକ ଉତ୍ସବ

**ତାଳଚେର,୧୬।୧(ମନୋଜ ନନ୍ଦ)**
ତାଳଚେର ଦେଉଳବେଢ଼ାସ୍ଥିତ ଡିସିଆଇ କ୍ଲବ ଠାରେ ସ୍ୱୟଂଶ୍ରୀ ନୃତ୍ୟ ଅନୁଷ୍ଠାନର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁ ଶଙ୍କର ବାଇ ଓ ସସ୍ମିତା ଗାୟନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ପୂର୍ବତନ ସଭାପତି ସୁମନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଆସ୍ଥା ମହିଳା ମଣ୍ଡଳ ସଦସ୍ୟା ସଙ୍ଗୀତା ଶ୍ରୀରାମ, ଶୁକ୍ଳା ମିତ୍ରାଙ୍କ ସହିତ ବିଶିଷ୍ଟ ନୃତ୍ୟଗୁରୁ ଗୌରୀ ଶଙ୍କର ଦାସ, ପଦ୍ମଶ୍ରୀ ଡ. ଇଲିଆନା ସୀତାରିଷ୍ଟ, ଗୁରୁ ଗାୟତ୍ରୀ ରଣବୀର ପ୍ରମୁଖ ଉପସ୍ଥିତ ଥିଲେ।



ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶୀ ନୃତ୍ୟଗୁରୁ ଡ. ମନୋଜ କୁମାର ବେହେରା ଓ ମୁଖ୍ୟବକ୍ତା ଭାବେ ଧୀର ମୋହନ ରାଏ, ସମ୍ମାନିତ ଅତିଥି ଭାବେ ନୃତ୍ୟ ଗୁରୁ ସୁଶ୍ରୀ ମିନାକ୍ଷୀ ବେହେରା, ନୃତ୍ୟଗୁରୁ ରାଧେଶ୍ୟାମ ତରାଇ, ନୃତ୍ୟଗୁରୁ ଛିନ୍ନମୟୀ ତ୍ରିପାଠୀ ଯୋଗଦେଇ ଅନୁଷ୍ଠାନର କଳାକାରମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ତାଳଚେରର ବିଭିନ୍ନ ବ୍ୟକ୍ତ ବିଶେଷଙ୍କୁ ତାଳଚେର କଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ସଞ୍ଚିତା ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁନର୍ବାସ କେନ୍ଦ୍ର, ଗୋଶାଳା ଦାବି

ଅନୁଗୋଳ,୧୬।୧(ମାନସ ବିଶ୍ୱାଳ)

ଅନୁଗୋଳ ଆନିମଲ ୱେଲଫେୟାର ସଙ୍ଗଠନ ପକ୍ଷରୁ ସହରରେ ଏକ ସ୍ଥାୟୀ ପୁନର୍ବାସ କେନ୍ଦ୍ର ଏବଂ ଗୋଶାଳା ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଦର୍ଶାଯାଇଛି, ଅନୁଗୋଳ ସହରରେ ଏକ ସ୍ଥାୟୀ ପୁନର୍ବାସ କେନ୍ଦ୍ର ଏବଂ ଗୋଶାଳା ବ୍ୟବସ୍ଥା ନ ଥିବାରୁ ପ୍ରତିଦିନ ବୁଲା ଗୋରୁ, ଷଣ୍ଢ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଉଛନ୍ତି। ଅନେକେ କ୍ଷତାକ୍ତ ହେଉଛନ୍ତି। ଏଥିସହ ବୁଲା ଗୋରୁ ଓ ଷଣ୍ଢଙ୍କ ଯୋଗୁ ଗତ ୩ ବର୍ଷରେ ଦୁର୍ଘଟଣା ଘଟି ୩ ଜଣ ସହରବାସୀ ପ୍ରାଣ ହରାଇଛନ୍ତି। ସେହିପରି ୨୦୧୨ରୁ ୨୦୨୪ ମଧ୍ୟରେ ଅନୁମାନିକ ଭାବେ ପ୍ରାୟ ୫ ହଜାରରୁ ଅଧିକ ଗୋରୁ, ଷଣ୍ଢ ପ୍ରାଣ ହରାଇଛନ୍ତି। ସ୍ଥାୟୀ ପୁନର୍ବାସ କେନ୍ଦ୍ର ନ ଥିବାରୁ ଦୁର୍ଘଟଣାଗ୍ରସ୍ତ ଗୋରୁଙ୍କ ଚିକିତ୍ସା କରାଯାଇପାରୁ ନାହିଁ। ଗତ ୬/୭ ବର୍ଷ ହେଲା ଜିଲା ପ୍ରଶାସନକୁ ବାରମ୍ବାର ଜଣାଇଆସୁଥିଲେ ମଧ୍ୟ ସୁଫଳ ମିଳୁନାହିଁ। ମନ୍ତ୍ରୀ ନାୟକ ଉକ୍ତ ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କୁ ହସ୍ତାନ୍ତର ସହ ଆଲୋଚନା କରି ଆବଶ୍ୟକ ପଦକ୍ଷପ ଗ୍ରହଣ କରିବା ଦିଗରେ ପଦକ୍ଷେପ ନେବେ ବୋଲି ବୋଲି ପ୍ରତିଶ୍ରୁତି ଦେଇଥିଲେ।


ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ସଙ୍ଗଠନ କର୍ମକର୍ତ୍ତା।

## ନୂଆ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ

ଆଠମଲ୍ଲିକ,୧୬।୧(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି)ର ନୂତନ ନିର୍ବାହୀ ଅଧିକାରୀ ଭାବେ ଚନ୍ଦ୍ରକାନ୍ତ ବେହେରା ଯୋଗଦାନ କରିଛନ୍ତି। ବେହେରା ପୂର୍ବରୁ ଧର୍ମଗଡ଼ ଏନ୍ଏସିରେ କାର୍ଯ୍ୟରତ ଥିଲେ। ଆଠମଲ୍ଲିକ ଏନ୍ଏସିରେ ଯୋଗଦାନ କଲା ପରେ ବିକାଶମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦିଆଯିବ ବୋଲି ନୂଆ ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ବେହେରା ସହକାରୀ ଜିଲାପାଳ ଭାବେ ବୌଦ୍ଧରେ ଚାକିରି ଜୀବନ ଆରମ୍ଭ କରିଥିଲେ।



# ନାଲ୍କୋ ମନ୍ଦିର ପ୍ରଶାସନ ପକ୍ଷରୁ ସାମୂହିକ ବ୍ରତୋପନୟନ


ନାଲ୍କୋନଗର ମନ୍ଦିର କମିଟି ପକ୍ଷରୁ ଅନୁଷ୍ଠିତ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅବସରରେ ପୁରୋହିତମାନଙ୍କ ସହ ବ୍ରହ୍ମଚାରୀମାନେ।

ବଅଁରପାଳ,୧୬।୧(ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍କୋନଗର ମନ୍ଦିର କମିଟି ପକ୍ଷରୁ ମନ୍ଦିର ପ୍ରାଙ୍ଗଣରେ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନାଲ୍କୋ ମନ୍ଦିର କମିଟି ସଭାପତି ସୁବ୍ରମନ୍ୟମ ନରେଲାଙ୍କ ତତ୍ତ୍ୱାବଧାନରେ ଏହାର ଆୟୋଜନ କରାଯାଇଥିଲା। ଅନୁଗୋଳ ଓ ଢେଙ୍କାନାଳ ଜିଲାର ବିଭିନ୍ନ ଗ୍ରାମାଞ୍ଚଳରୁ ୭ଜଣ ଗରିବ ବ୍ରାହ୍ମଣ ପିଲାଙ୍କ ବିନାଖର୍ଚ୍ଚରେ ବ୍ରତୋପନୟନ କରାଯିବାର ବ୍ୟବସ୍ଥା କରାଯାଇଥିଲା। ସମସ୍ତ ଖର୍ଚ୍ଚ ନାଲ୍କୋ ମନ୍ଦିର ପ୍ରଶାସନ ତରଫରୁ ବହନ କରାଯାଇଥିଲା। ଛତିଆବଟରୁ ଆସିଥିବା ମୁଖ୍ୟ ପୁରୋହିତ ତାପସ ରଞ୍ଜନ ଶତପଥୀଙ୍କ ନେତୃତ୍ୱରେ ୭ଜଣ ପୁରୋହିତ ମଣ୍ଡଳୀ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜାକର୍ମରେ ପ୍ରଦୀପ୍ତ ପଣ୍ଡା, ମୃତ୍ୟୁଞ୍ଜୟ କର, ମନୋଜ କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ମନ୍ଦିର କମିଟି କୋଷାଧ୍ୟକ୍ଷ ପି.କେ. ତ୍ରିପାଠୀ, ସମ୍ପାଦକ ଏସ୍. ଏ. ବାସୁ, ଯୁଗ୍ମ ସମ୍ପାଦକ ଶୁଭେନ୍ଦୁ ନାୟକ, ଉପସଭାପତି ସତ୍ୟବାଦୀ ମିଶ୍ର, ଭଣ୍ଡାର ପରିଚାଳକ ପର୍ଶୁରାମ ସ୍ୱାଇଁ, ବନୋଜ କୁମାର ମହଲା, ତ୍ରିନାଥ ସାହୁ, ସଂଗ୍ରାମ କେଶରୀ ସାମନ୍ତରାୟ, ଜିଜିଏମ୍ ସିପିପି ଅମରେନ୍ଦ୍ର ମିଶ୍ରଙ୍କ ସମେତ ମନ୍ଦିର କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ସଚେତନ ହେଲେ ସୁରକ୍ଷିତ ରହିବା

ଆଠମଲ୍ଲିକ,୧୬।୧(ଉଦୀପ୍ତ ପୁରୋହିତ)

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅନୁଗୋଳ ଓ ଆଠମଲ୍ଲିକ ପୋଲିସର ମିଳିତ ସହଯୋଗରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଟ୍ରାଫିକ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରମାକାନ୍ତ ନାୟକ, ଟ୍ରାଫିକ ଇନ୍ସପେକ୍ଟର ସୁମନ୍ତ କୁମାର ସେଠୀ, ଏଏସ୍ଆଇ ମନୋଜ କୁମାର ସାହୁ, ବସ୍ ମାଲିକ ସଂଘ ସଭାପତି ପଞ୍ଚାନନ ମିଶ୍ର, ସମ୍ପାଦକ ରୁଷଭ କୁମାର ତ୍ରିପାଠୀ, ଆରଟିଓ କର୍ମଚାରୀ ସୂର୍ଯ୍ୟମଣି ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ହେଲମେଟ ବ୍ୟବହାର କରି ୨ ଚକିଆ ଯାନ ଚଳାଇବାକୁ ଅନୁରୋଧ କରିବା ସହିତ ସଚେତନ ରହିଲେ ସୁରକ୍ଷିତ ରହିବେ ବୋଲି କହିଥିଲେ। ବସ୍ ମାଲିକ ସଂଘ ଉପସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜୟନ୍ତ କୁମାର ସାହୁ, ନୀତେନ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ସେଠୀ ସଭା ପରିଚାଳନା କରିଥିଲେ।



ସଚେତନତା ସଭାରେ ମଞ୍ଚାସୀନ ଅତିଥିମାନେ।

# ୯୧ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ


ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଏମ୍ପି, ବିଧାୟକଙ୍କ ସହିତ ଅଧିକାରୀମାନେ।

ବଅଁରପାଳ,୧୬।୧(ସୁବାସ ସାହୁ)

ବଅଁରପାଳ ପଞ୍ଚାୟତ ସମିତି ସଭାଘରଠାରେ ୯୧ଜଣ ପେନସନଧାରୀଙ୍କୁ ୩୫୦୦ ଟଙ୍କା ଲେଖାଏ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍ପି ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିଥିଲେ। ମଧୁବାବୁ ପେନସନ ଯୋଜନାରେ ଏବଂ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ଅନ୍ତର୍ଭୁକ୍ତ ଯେଉଁ ପେନସନଧାରୀଙ୍କ ବୟସ ୮୦ ବର୍ଷରୁ ଅଧିକ, ସେମାନଙ୍କୁ ଏଣିକି ପ୍ରତି ମାସରେ ୩୫୦୦ ଟଙ୍କା ଲେଖାଏ ପ୍ରଦାନ କରାଯିବ। ସେହିପରି ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମଙ୍କୁ ଏହି ବର୍ଦ୍ଧିତ ଭତ୍ତା ପ୍ରତ୍ୟେକ ମାସରେ ମିଳିବ। ବଅଁରପାଳ ବ୍ଲକର ୩୫ ପଞ୍ଚାୟତରେ ମୋଟ ୧୧୨୧ ଜଣ ପେନସନଧାରୀଙ୍କୁ ଏଥିପାଇଁ ଚିହ୍ନଟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ବିଡିଓ ଲୋଚନ ଦାସ, ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ବ୍ଲକ ସାମାଜିକ ଶିକ୍ଷା ସଙ୍ଗଠକ ଦୀପ୍ତିକାନ୍ତ ସାହୁ, ବିଭିନ୍ନ ଗ୍ରାମର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ଏବିଡିଓ ମାଧବ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ଷତିପୂରଣ ଦାବିରେ ପ୍ଲାଣ୍ଟ ସମ୍ମୁଖରେ ଆନ୍ଦୋଳନ

ବଅଁରପାଳ,୧୬।୧(ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍କୋ ସ୍ମେଲ୍ଟର ପ୍ଲାଣ୍ଟର ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଥିବାରୁ କ୍ଷତିପୂରଣ ଦାବିରେ ବୁଧବାର ରାତିରେ ପ୍ଲାଣ୍ଟ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ସୂଚନା ଅନୁଯାୟୀ, କାଣ୍ଡସର ପଞ୍ଚାୟତ କନ୍ୟାବେଡ଼ା ଗ୍ରାମର ଅମୂଲ୍ୟ କୁମାର ସାହୁ(୫୮) ସ୍ମେଲ୍ଟର୍ ପ୍ଲାଣ୍ଟ କାର୍ବନ ଏରିଆ ରୋଡିଂଶପ୍ ବିଭାଗରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସୁଥିଲେ। ଗତବର୍ଷ ସେପ୍ଟେମ୍ବର ଠାରୁ ଅସୁସ୍ଥତା କାରଣରୁ ଇଏସ୍ଆଇ ଡାକ୍ତରଖାନାରେ ସେ ଚିକିତ୍ସିତ ହେଉଥିଲେ। ବୁଧବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅମୂଲ୍ୟଙ୍କ ପରିବାର ପକ୍ଷରୁ କ୍ଷତିପୂରଣ ଦାବିରେ ପ୍ଲାଣ୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ନାଲ୍କୋ ପକ୍ଷରୁ ପରିବାରରୁ ଜଣଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ନାଲ୍କୋ ପ୍ଲାଣ୍ଟ ସମ୍ମୁଖରେ ଆନ୍ଦୋଳନ କରାଯାଉଛି।

# ଅନୁଗୋଳରେ କ୍ରିକେଟ ପ୍ରଶିକ୍ଷଣ ଶିବିର

ଅନୁଗୋଳ,୧୬।୧ (ଜ୍ୟୋତିରଞ୍ଜନ ସାହୁ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଅନୁଗୋଳ ଜିଲା କ୍ରିକେଟ ସଂଘ ଆନୁକୂଲ୍ୟରେ ଅନୁଗୋଳ କଦମ ପଡିଆଠାରେ ୧୪ ବର୍ଷରୁ କମ୍, ୧୬ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ କ୍ରିକେଟ ଖେଳାଳିଙ୍କ ନିମନ୍ତେ ଆସନ୍ତା ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ କ୍ରିକେଟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ସ୍କୁଲ, କଲେଜ ଓ କ୍ଲବସ୍ତରର ସମସ୍ତ କ୍ରିକେଟ ଖେଳାଳିଙ୍କୁ ଉକ୍ତ ଶିବିରରେ ଯୋଗଦାନ କରି ଉପଯୁକ୍ତ କୌଶଳ ଅପଣାଇବା ନିମନ୍ତେ ଅନୁଗୋଳ ଜିଲା କ୍ରିକେଟ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏହି ପ୍ରଶିକ୍ଷଣ ଶିବିର ଓଡ଼ିଶା କ୍ରିକେଟ ଆସୋସିଏଶନର କୌଶଳ ନିର୍ଦ୍ଦେଶକ ଭି. ଭେଙ୍କଟରାମ, ସୌରଭ ସେଗାଲ ଓ କୋଚ ପ୍ରୀତମଜିତ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଏଥିନିମନ୍ତେ ଖେଳାଳିମାନେ ଧଳା କ୍ରିକେଟ ପୋଷାକ ଓ କ୍ରିକେଟ ଉପକରଣ ସହିତ ଉକ୍ତ ଦିନଗୁଡ଼ିକରେ ନିର୍ଦ୍ଧାରିତ ସମୟ ସକାଳ ୮ଟାରେ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ରହିବାକୁ ଜିଲା କ୍ରିକେଟ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

# ତ୍ରିନାଥ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ



ତାଳଚେର,୧୬।୧(ମନୋଜ ନନ୍ଦ)

ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମରେ ଚାଲିଥିବା ଟାଇଗର ବଏଜ ପକ୍ଷରୁ ପ୍ରଥମ ତ୍ରିନାଥ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଗ୍ରାମ କମିଟି ସମ୍ପାଦକ ପ୍ରମୋଦ ଚନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ କ୍ଷୀରୋଦ ସାହୁ, ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜ କିଶୋର ସାହୁ, ଜିଲା ବିଜେଡି ସମ୍ପାଦକ ମନୋଜ ସାହୁ, ରାହେନ୍ଦ୍ର ବେହେରା, ସାମାଜିକ କର୍ମୀ ବିଭୂତି ସାହୁ, ନାଏବ ସରପଞ୍ଚ ରାଜୀବ ଦାସ, ସୁଭାଷ ଚନ୍ଦ୍ର ପ୍ରଧାନ, ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପ୍ରଧାନ ଗୁରୁଜୀ ପଞ୍ଚାନନ ପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଫାଇନାଲରେ ଗୋଡମରା ଟିମ୍‌କୁ ହରାଇ ଟେଷ୍ଟୁଲେଇ ଟିମ୍ ଚାମ୍ପିୟନ ହୋଇଥିଲା। ଆଶିଷ ସାହୁ ଓ ଦିଲୀପ ଦାସ ଖେଳ ପରିଚାଳନା କରିଥିଲେ।

# କଂକ୍ରିଟ୍ କାମ ନିମ୍ନମାନର ଅଭିଯୋଗ

ବଇଣ୍ଡା,୧୬।୧(ପରିକ୍ଷିତ ସାହୁ)

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥରେ ଚାଲିଥିବା ୪ ଲେନ୍ ରାସ୍ତାକାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ବିଶେଷକରି ବାମୁର ଅଞ୍ଚଳ ଫ୍ଲାଏ ଓଭର ବ୍ରିଜ୍ ନିକଟରେ କଂକ୍ରିଟକରଣ କାର୍ଯ୍ୟ ନିମ୍ନମାନର ହେଉଥିବା ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ ଗୁରୁବାର ସମ୍ବଲପୁର ଏନ୍ଏଚ୍ ପିଡିଙ୍କୁ ଦାବିପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଦାବିପତ୍ରରେ ସରପଞ୍ଚ ଉଲ୍ଲେଖ କରିଛନ୍ତି, ଫ୍ଲାଏ ଓଭରବ୍ରିଜ ତଳେ କିଛିଦିନ ହେବ ଠିକାସଂସ୍ଥା ପକ୍ଷରୁ କଂକ୍ରିଟକରଣ କରାଯାଉଛି। ବାଲି ଉପରେ କଂକ୍ରିଟକରଣ କରିବା ନିୟମ ଥିବାବେଳେ ମାଟି ପକାଇ କଂକ୍ରିଟକରଣ କରାଯାଉଥିବାରୁ କିଛିଦିନପରେ ଏହା ଫାଟିଯାଉଛି। ଠିକାସଂସ୍ଥା ପକ୍ଷରୁ ନିମ୍ନମାନର କାମ କରାଯାଉଥିବାବେଳେ ଏନ୍ଏଚ୍ଏଆଇ ପକ୍ଷରୁ କୌଣସି ପଦାଧିକାରୀ ଉପସ୍ଥିତ ରହୁ ନ ଥିବା ଅଭିଯୋଗ ହୋଇଛି। ସେହିପରି ଅଞ୍ଚଳରେ ହୋଇଥିବା କଂକ୍ରିଟ ରାସ୍ତାର ଅନେକ ସ୍ଥାନରେ ଫାଟ ଦେଖାଗଲାଣି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏନ୍ଏଚ୍ଏଆଇ ଅଧିକାରୀମାନେ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି ହୋଇଛି। ଏ ନେଇ ଠିକାସଂସ୍ଥା ପରିଚାଳକ ଆର୍.ପି.ସିଂଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ।



# ଧାନମଣ୍ଡି ଉଦ୍‌ଘାଟିତ, ଉଠାଗଲା ୬୨୦ କୁଇଣ୍ଟାଲ

ବନ୍ତଳା,୧୬।୧ (ସୁଶିତ ସାହୁ)

ଅନୁଗୋଳ ବ୍ଲକ ମାଟିଆ ସାହି ପଞ୍ଚାୟତ କରମଙ୍ଗାସାହି ସେବା ସମବାୟ ସମିତିରେ ଗୁରୁବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ସରୋଜ ନାୟକ, ସମବାୟ ସମିତି ସଭାପତି ସନାତନ ସାହୁ, ସରପଞ୍ଚ ସତ୍ୟବ୍ରତ ବେହେରା ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଯୋଗାଣ ବିଭାଗ ଅଧିକାରୀ, ମିଲର, ୨୨ଜଣ ଚାଷୀ ଆଲୋଚନା କରିବା ପରେ ୬୨୦ କୁଇଣ୍ଟାଲ ଧାନ ଉଠାଯାଇଥିଲା। ସମିତି ସମ୍ପାଦକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।


ଧାନମଣ୍ଡିକୁ ଉଦ୍‌ଘାଟନ କରାଯାଉଛି।

# ଧରଣୀଧରଙ୍କ ବିୟୋଗରେ ଶୋକସଭା



ବନ୍ତଳା,୧୬।୧(ସୁଶିତ ସାହୁ)

ଅନୁଗୋଳ ବ୍ଲକ ତଳଗଡ଼ ଗାଁର ମୁରବି ଧରଣୀଧର ସାହୁଙ୍କ ବିୟୋଗରେ ବନ୍ତଳା ଡାକବଙ୍ଗଳାଠାରେ ଗୁରୁବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ୍ତଳା ଅଞ୍ଚଳ ବିଭିନ୍ନ ଗ୍ରାମର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ରାଜନେତା ଯୋଗଦେଇ ୧ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଭାଗୀରଥି ମାଝୀଙ୍କ ନେତୃତ୍ୱରେ ଶ୍ରମିକନେତା ତ୍ରିଲୋଚନ ପ୍ରଧାନ, ବ୍ଲକର ପୂର୍ବତନ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ମୋହନ ସାହୁ, ଭାଜପା ନେତା ଜଳନ୍ଧର ପ୍ରଧାନ, ଲକ୍ଷ୍ମଣସାହୁ, ହରେକୃଷ୍ଣ ପ୍ରଧାନ, ଅଭୟ ଦେହୁରୀ, ବରିଷ୍ଠ ନାଗରିକ ଭାବଗ୍ରାହୀ ସାହୁ, ନିରଞ୍ଜନ ଦେହୁରୀ, କୁମୁରିସିଂହା ସରପଞ୍ଚ ଦୁର୍ଯ୍ୟୋଧନ ସାହୁ, ଲୋକନାଥ ବେହେରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଧରଣୀଧରଙ୍କ ସ୍ମୃତିଚାରଣ କରିଥିଲେ।

## ସମ୍ବଲପୁରକୁ ହରାଇ ଅନୁଗୋଳ ସେମିରେ

ପାଲଲହଡା,୧୬।୧ (ଦିବ୍ୟଜ୍ୟୋତି ଦାଶ)

୨୫ ତମ ରାଜ୍ୟସ୍ତରୀୟ ପାଲଲହଡା କପ୍ କ୍ରିକେଟର ଦ୍ୱିତୀୟ ଦିବସରେ ସମ୍ବଲପୁର ଏକାଦଶ ଏବଂ ଅନୁଗୋଳ ଏକାଦଶ ମଧ୍ୟରେ ଖେଳ ହୋଇଥିଲା। ସମ୍ବଲପୁର ଟିମ୍ ୧୭୯ ରନ ସଂଗ୍ରହ କରିଥିଲା। ଜବାବରେ ଅନୁଗୋଳ ଟିମ୍ ୧୮୧ ରନ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଥିଲା। ଅନୁଗୋଳ ଏକାଦଶର ସୌମ୍ୟ ସିଂ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଏହି ମ୍ୟାଚକୁ ସଞ୍ଜୀବ କୁମାର ପାତ୍ର ଏବଂ ପ୍ରଶାନ୍ତ ଦାସ ପରିଚାଳନା କରିଥିଲେ। ଭୂପେନ କୁମାର ନାଏକ ଓ ଶିବ ପ୍ରସାଦ ସାମଲ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସଞ୍ଜୟ କୁମାର ସାହୁ ଧରା ବିବରଣୀ ଦେଇଥିବା ବେଳେ ସନ୍ତୋଷ କୁମାର ଗଡ଼ନାୟକ, ହରିହର ପାଣି, ପ୍ରଶାନ୍ତ ଦାସ, ଅମୂଲ୍ୟ କୁମାର ନନ୍ଦ, ବିଷ୍ଣୁ ପ୍ରସାଦ ଦାସ, ଦୀପକ ସାହୁ, ସନ୍ଧ୍ୟାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକ ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ବଇଣ୍ଡା, ୧୬।୧(ପରିକ୍ଷିତ ସାହୁ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଅଞ୍ଚଳକୁ ବ୍ଲକ ମାନ୍ୟତା ଦେବା ପାଇଁ ଗୁରୁବାର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଠମଲ୍ଲିକ ଉପଜିଲାପାଳ ଦିଲୀପ କୁମାର ବେହେରାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ନେତୃତ୍ୱରେ ଦୁଃଖବନ୍ଧୁ ନାୟକ, ସୌରଭ ମିଶ୍ର, ପ୍ରଭାକର ପ୍ରଧାନ, ସୁଜିତ ପ୍ରଧାନ, ସତ୍ୟାନନ୍ଦ ରାଉତ, ସିଦ୍ଧେଶ୍ୱର ସାହୁ, ଚଗଲି ସାହୁଙ୍କ ସହ କ୍ରିୟାନୁଷ୍ଠାନ କମିଟିର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ଉପଜିଲାପାଳଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ଅଛି, ଆଠମଲ୍ଲିକ ଉପଖଣ୍ଡର ଠାକୁରଗଡ଼ ଏକ ପ୍ରମୁଖ ଅଞ୍ଚଳ ହୋଇଥିବାବେଳେ ଏହି ଥାନା ଅଞ୍ଚଳରେ ଥିବା ପଞ୍ଚାୟତଗୁଡିକୁ ଏକତ୍ରିତ କରି ଠାକୁରଗଡ଼ ଅଞ୍ଚଳକୁ ବ୍ଲକ ମାନ୍ୟତା ଦିଆଯାଉ। ଏନେଇ ପୂର୍ବରୁ ବହୁବାର ଦାବି ହୋଇଥିବାବେଳେ ସରକାର ପଦକ୍ଷେପ ନେଉ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

## ଇଙ୍କରବନ୍ଧରେ ୨୪ ପ୍ରହର ନାମଯଜ୍ଞ

ବନ୍ତଳା,୧୬।୧(ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଳା ବ୍ଲକ ଇଙ୍କରବନ୍ଧ ବେହେରାସାହିଠାରେ ଚବିଶପ୍ରହର ନାମଯଜ୍ଞ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ଓ ଶତାଧିକ ମହିଳା ନାମ ସଂକୀର୍ତ୍ତନ ସହିତ ଟାକୁଆ ନାଳଠାରୁ କଳସ ଯାତ୍ରାରେ ଆସି ଚଉପାଢ଼ିଠାରେ ପହଞ୍ଚିଥିଲେ। ସକାଳେ ବିଧି ଅନୁଯାୟୀ ସୂର୍ଯ୍ୟ ପୂଜା, ଗୋପୂଜା ଆଦି କର୍ମପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ୫ ମହିଳା ଓ ୨ ପୁରୁଷ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରିଥିଲେ। ଗ୍ରାମବାସୀ, ସ୍ଥାନୀୟ ସରପଞ୍ଚ ଶ୍ରୀବତ୍ସ ସାହୁ ଯୋଗଦେବା ସହ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ନ୍ୟାୟ ପାଇଁ ଜିଲାପାଳଙ୍କ ନିକଟରେ ଫେରାଦ

## ବେଢ଼ାପଡ଼ାରେ ଗୋଷ୍ଠୀ ସଂଘର୍ଷ ମାମଲା

ଢେଙ୍କାନାଳ, ୧୬।୧ (ରତନ ନାୟାର)



ଢେଙ୍କାନାଳ ଜିଲା ରାସୋଳ ଥାନା ଅନ୍ତର୍ଗତ ବେଢ଼ାପଡ଼ା ଗ୍ରାମର ଅନୁସୂଚିତ ଜାତି ବର୍ଗର ଅଧିବାସୀମାନଙ୍କ ଉପରେ ଅତ୍ୟାଚାରକୁ ନେଇ ଜିଲ୍ଲାପାଳଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି। ପ୍ରକାଶଥାଉକି, ଗତ ଜାନୁଆରୀ ୧୨ ତାରିଖରେ ବେଡାପଡା ଗ୍ରାମରେ ୪ଟି କ୍ଲବର ଯୁବକମାନେ କ୍ରିକେଟ ଖେଳ ଆୟୋଜନ କରିଥିଲେ। ଖେଳ ପଡ଼ିଆରେ କିଏ କାହା ସହିତ କେଉଁ କାରଣ ପାଇଁ ଗଣ୍ଡଗୋଳ ହେଲା ତାହା ଅନୁସୂଚିତ ଜାତିର ଲୋକମାନଙ୍କୁ ଜଣାନାହିଁ । କିନ୍ତୁ ବେଡ଼ାପଡା ଗ୍ରାମର ୨୫୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ସଂଘବଦ୍ଧ ହୋଇ ମାରଣାସ୍ତ୍ର, ଖଣ୍ଡା, ଭୁଜାଲି, କଟୁରୀ, ଲୁହାଛଡ, ପଥର, ଷ୍ଟମ୍ପ ଆଦି ଧରି ରାତି ପ୍ରାୟ ୯ଟା ସମୟରେ ବିଭିନ୍ନ ପ୍ରକାର ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ଅନୁସୂଚିତ ଜାତି ବର୍ଗର ସାହିବାସିନ୍ଦା ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ତତ୍‌ସହିତ ଗ୍ରାମରେ ପଶି ଚାଳଘର, ଦୋକାନ ଭାଙ୍ଗିଦେବା ସହ ବାସକୁସନ, ଚେୟାର, ଭାତହାଣ୍ଡି ଇତ୍ୟାଦି ଫୋପାଡ଼ି ଦେବା ଓ କୂଅରେ ଆବର୍ଜନା ପକାଇ ପାଣି ଦୂଷିତ କରିଦେଇଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସରକାରୀ ନଳକୂପ ମଧ ଭାଙ୍ଗି ଦେଇଛନ୍ତି। ପଥର ମାଡ଼ ଦ୍ୱାରା ସେହି ସାହିର ବୃଦ୍ଧା କଳାବତୀ ନାଏକ (୭୦)ଙ୍କ ମୁଣ୍ଡ ଫାଟିଯାଇଛି। ସାହିରୁ ବିଦ୍ୟୁତ କାଟିବା ସହିତ ସରପଞ୍ଚଙ୍କ ମିଥ୍ୟା ଅଭିଯୋଗରେ ସାହିର ପୁରୁଷମାନଙ୍କୁ ମିଥ୍ୟା କେଶ୍‌ରେ ଫସାଇ ଜେଲ ପଠାଇଛନ୍ତି। ଅନ୍ୟମାନଙ୍କୁ ଗିରଫ କରିବାକୁ ପୋଲିସ ଖୋଜୁଛି ବୋଲି ପତ୍ରରେ ଉଲ୍ଲେଖ କରିଛନ୍ତି। ଫଳରେ ଛୋଟପିଲାମାନଙ୍କୁ ଧରି ସାହିର ମହିଳାମାନେ ଜଙ୍ଗଲରେ ଲୁଚୁଛନ୍ତି। ଏଭଳି କାର୍ଯ୍ୟକଳାପ ଗ୍ରାମର ସଭାପତି ଦୁଷ୍ମନ୍ତ ଗଡନାୟକ, ରାକେଶ ପରିଡା, ଶୁଶିଳ ଗଡନାୟକ, ମନ୍ଦରଧର ସାମଲ, ଅଜିତ ସାମଲ, ମିହିର ରାଉତ, ଅଧିକାରୀ ସାମଲ ପ୍ରମୁଖଙ୍କ ନେତୃତ୍ୱରେ ହୋଇଛି ବୋଲି ପତ୍ରରେ ଦର୍ଶାଇଛନ୍ତି। ଗଣ୍ଡଗୋଳ ସହିତ କୌଣସି ସମ୍ପର୍କ ନଥାଇ ଏପରି ପରିସ୍ଥିତି ଭୋଗିବାକୁ ପଡୁଛି ବୋଲି ଜିଲାପାଳଙ୍କ ପାଖରେ ଗୁହାରି କରିଛନ୍ତି। ସ୍ଥାନୀୟ ସରପଞ୍ଚ ମଧ ଜାତିଆଣ ଭେଦଭାବ କରି କୌଣସି ପ୍ରକାର ସହଯୋଗ ବା ସରକାରୀ ସୁବିଧା ଦେଇ ନାହାଁନ୍ତି କି ମଠ, ମନ୍ଦିର ଓ ଦୋକାନରେ ବି ଜାତିଆଣ ବାରଣ କରି ହୀନମନ୍ୟତା ପୋଷଣ କରୁଛନ୍ତି ବୋଲି ଦର୍ଶାଇଛନ୍ତି। ତେଣୁ ଏହିସବୁ ଘଟଣାକୁ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ଉକ୍ତ ସାହିର ମହିଳା ଓ ଛୋଟପିଲାମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏହି ଅଭିଯୋଗ ପ୍ରଦାନ ବେଢ଼ାପଡ଼ା ଅନୁସୂଚିତ ଜାତି ବର୍ଗର ରୀନା ନାଏକ, ଅମ୍ବିକା ନାଏକ, ଜ୍ୟୋତ୍ସ୍ନା ନାଏକ, ଲକ୍ଷ୍ମୀ ନାଏକ, ପିଙ୍କି ନାଏକ, ଉର୍ବଶୀ ନାଏକ, ଭାରତୀ ନାଏକଙ୍କ ସହିତ ଛୋଟପିଲାମାନେ ମଧ ଉପସ୍ଥିତ ଥିଲେ।

# ଛଦେଶ ବ୍ଲକ ଗଠନ ଦାବି ଜୋର ଧରିଲା

ଢେଙ୍କାନାଳ, ୧୬।୧ (ରତନ ନାୟାର)



ଛଦେଶ ଅଞ୍ଚଳକୁ ବ୍ଲକ ଗଠନ ଦାବି ନେଇ ରବିବାର ଛଦେଶ ସାହିତ୍ୟ ସଂସଦ ବାର୍ଷିକ ଉତ୍ସବରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରତିଶ୍ରୁତି ପରେ ଛଦେଶବାସୀଙ୍କ ପକ୍ଷରୁ ବୁଧବାର ଏକ ଜରୁରୀ ବୈଠକ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ସାମାଜି କର୍ମୀ ଜୟକୃଷ୍ଣ ମହାପାତ୍ରଙ୍କ ଆହ୍ୱାନ କ୍ରମେ ଏହି ବୈଠକରେ ଛଦେଶ ସାହିତ୍ୟ ସଂସଦ ସଭାପତି ନୀଳମଣି ମହାରଣା, ଉପସଭାପତି ତଥା ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ପଣ୍ଡା, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଷ୍ଣୁ ପ୍ରସାଦ ଲେଙ୍କା, ଅବସରପ୍ରାପ୍ତ ଆରକ୍ଷୀ ଧନଞ୍ଜୟ ଧଳ, ଇଂ. ବାସୁଦେବ ଧଳ, ସାମାଜିକ କର୍ମୀ ଧ୍ରୁବଚରଣ ରାଉତ, ପୂର୍ବତନ କ୍ରୀଡ଼ା ଶିକ୍ଷକ ପ୍ରଶାନ୍ତ ଧଳ, ପୂର୍ବତନ ଶିକ୍ଷା ନିରୀକ୍ଷକ ଅଲେଖ ଚରଣ ସାହୁ, ସାମଜିକ କର୍ମୀ ହାଡ଼ିବନ୍ଧୁ ସେଠୀ, କ୍ରୀଡ଼ାବିତ ପ୍ରାଣବନ୍ଧୁ ନାୟକ, ଅବସରପ୍ରାପ୍ତ ଶିକ୍ଷକ ସ୍ୱଦେଶ ରଞ୍ଜନ ଧଳ, ଯୁବ ସାମଜିକ କର୍ମୀ ଅଶୋକ କୁମାର ସାହୁ, ପୂଜକ ସନ୍ତୋଷ କୁମାର ପଣ୍ଡା, ସାହିତ୍ୟ ସଂସଦ କୋଷାଧ୍ୟକ୍ଷ ବୀରବର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ଶତପଥୀ, ସାମଜିକ କର୍ମୀ ପ୍ରସନ୍ନ କୁମାର ପଣ୍ଡା, ସୁଶୀଲ କୁମାର ରାଉତ, ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରତାପ ସ୍ୱାଇଁ, ଅଉଖମା ବଜାର ସଭାପତି ମନୋଜ ସାହୁ, ସାହିତ୍ୟ ସଂସଦ ଉପଦେଷ୍ଟା ଗତିକୃଷ୍ଣ ବିଶ୍ୱାଳ, ଯୁବ ପ୍ରତିନିଧି ଅଭୟ ନାୟକ, ସାହିତ୍ୟ ସଂସଦ ଆବାହକ ତଥା ବିଶ୍ୱ ଓଡ଼ିଶା ସମ୍ପାଦକ ମନୋଜ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । ସଦର ଓ ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ୧୨ଗୋଟି ପଂଚାୟତକୁ ନେଇ 'ଛଦେଶ' ନାମରେ ନାମିତ ପାଇଁ ନିଷ୍ପତ୍ତି ହୋଇଥିଲା। ଆବାହକ ଜୟକୃଷ୍ଣ ମହାପାତ୍ରଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇ ବିଭିନ୍ନ ସରକାରୀ ସ୍ତରରେ ଦାବି ଉପସ୍ଥାପନ କରାଯିବ ବୋଲି ପ୍ରସ୍ତାବ ପାରିତ ହୋଇଥିଲା । ଏଥିରେ ବିଷ୍ଣୁ ଲେଙ୍କା, ପ୍ରଫୁଲ୍ଲ ପଣ୍ଡା, ଧନଞ୍ଜୟ ଧଳ, ହାଡ଼ିବନ୍ଧୁ ସେଠୀ, ଗତିକୃଷ୍ଣ ବିଶ୍ୱାଳ, ଅମୀର ରାଉତ ପ୍ରମୁଖଙ୍କୁ ଆଞ୍ଚଳିକ ସଂଯୋଜନା ଦାୟିତ୍ୱ ଦିଆଯାଇଥିଲା ।

# ଯୋରନ୍ଦା ସର୍କଲ ପ୍ରାଥମିକ ଶିକ୍ଷକ ସଂଘର ବୈଠକ

ଢେଙ୍କାନାଳ, ୧୬।୧ (ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଯୋରନ୍ଦା ସର୍କଲ ନିଖିଳ ଉତ୍କଳ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘ ବାର୍ଷିକ ବୈଠକ ଯୋରନ୍ଦା ନୋଡାଲ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ସଭାପତି ବସନ୍ତ କୁମାର ନାୟକ ସଭାପତିତ୍ୱ କରିଥିଲେ। ବୈଠକରେ ସମ୍ପାଦକ ଜୟରାମ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଭ୍ୟମାନେ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆରମ୍ଭରେ ଦିବଙ୍ଗତ ସଭ୍ୟମାନଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସର୍ବସମ୍ମତି କ୍ରମେ ବସନ୍ତ କୁମାର ପାତ୍ରଙ୍କୁ ସହ ସମ୍ପାଦକ ମନୋନୀତ କରାଯାଇଛି। ବୈଠକରେ ବରିଷ୍ଠ ସଭ୍ୟ ବିଷ୍ଣୁଚରଣ ଜେନା, ବିରଞ୍ଚି ନାରାୟଣ ଶତପଥୀ, ହରିହର ସାମଲ, ଗନ୍ଧର୍ବ ଚରଣ ଲେଙ୍କା, ବିଦ୍ୟାଧର ମହାପାତ୍ର, ଲକ୍ଷ୍ମୀଧର ବେହେରା, ସୁଧାକର ସାହୁ, ଦୁର୍ଯ୍ୟୋଧନ ସାହୁ, ନରୋତ୍ତମ ନାୟକ, କାମପାଳ ଶତପଥୀ, କୋଦଣ୍ଡଧର ପାତ୍ର, ରମେଶ ଚନ୍ଦ୍ର ସାହୁ, ଶରତ ପ୍ରଧାନ, ଦିଗନ୍ତ ଶତପଥୀ ଓ ନିହାରବାଳା ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ।



ବୈଠକରେ ଉପସ୍ଥିତ ଶିକ୍ଷକମାନେ ଆଲୋଚନା କରୁଛନ୍ତି।

# ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଘାଟିତ



ଢେଙ୍କାନାଳ, ୧୬।୧ (ରତନ ନାୟାର)

ସୁନ୍ଦରୀଖାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁବାରଠାରୁ ତିନିଦିନ ବ୍ୟାପୀ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ୩୬ତମ ଢେଙ୍କାନାଳ ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଉଦଘାଟିତ ହୋଇଛି । ଏହି ଶିବିରକୁ ପୌରାଧକ୍ଷା ଜୟନ୍ତୀ ପାତ୍ର ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ସଭା ଆୟୋଜନ ହୋଇଥିଲା । ମୁଖ୍ୟ ଅତିଥି ଶ୍ରୀମତୀ ପାତ୍ର ପରସ୍ପରକୁ ସାହାଯ୍ୟର ହାତ ବଢ଼ାଇ ସେବା ମନୋବୃତ୍ତି ନେଇ ସହଯୋଗ କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରେଡକ୍ରସ ଶାଖାର ଉପସଭାପତି ବିରଞ୍ଚି ନାରାୟଣ ପାଣି ଯୋଗଦେଇ ନିଜେ ସୁସ୍ଥ ସବଳ ରହି ବନ୍ଧୁତ୍ୱପୂର୍ଣ୍ଣ ଭାବନା ନେଇ ଦେଶ ଗଠନରେ ନିଜକୁ ସାମିଲ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠି ରେଡକ୍ରସ ତରଫରୁ ଆୟୋଜନ କରାଯାଉଥିବା ବିଭିନ୍ନ ସେବା କାର୍ଯ୍ୟ ପ୍ରଣିଧାନଯୋଗ୍ୟ ବୋଲି ମତ ପ୍ରକାଶ କରିଥିଲେ। ବିଦ୍ୟାଳୟର ସଭାପତି ବାବୁଚାନ୍ଦ ମହାଲିକ, ବ୍ଲକ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ବିଶ୍ୱାଳ ପିଲାମାନେ ନିଜକୁ ଯୋଗ୍ୟ ନାଗରିକ ଭାବେ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ଶେଷରେ ପ୍ରଧାନ ଆଚାର୍ଯ୍ୟ ନଗେନ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଦ୍ଧିତ ଭତ୍ତା ବାଣ୍ଟିଲେ ବିଧାୟିକା

ସାତମାଇଲ, ୧୬।୧ (ସୁଶାନ୍ତ ପତି)

ହିନ୍ଦୋଳ ବ୍ଲକରେ ଗୁରୁବାର ବିଧାୟିକା ସୀମାରାଣୀ ନାୟକ ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମମାନଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଛନ୍ତି। ଉପଖଣ୍ଡରେ ୯୨୩ ଜଣ ହିତାଧିକାରୀ ଉକ୍ତ ଯୋଜନାରେ ଉପକୃତ ହେବେ। ଯେଉଁମାନେ କାର୍ଯ୍ୟାଳୟକୁ ଆସିପାରିବେ ନାହିଁ ସେମାନଙ୍କ ଘରକୁ ଯାଇ ଭତ୍ତା ପ୍ରଦାନ କରାଯିବ ବୋଲି ବିଧାୟିକା କହିଛନ୍ତି। ବର୍ଦ୍ଧିତ ଭତ୍ତା ରାଶି ସେମାନଙ୍କର ଦୈନନ୍ଦିନ ଖର୍ଚ୍ଚ ଭରଣାରେ ବିଶେଷ ସହାୟକ ହେବ ବୋଲି ବିଧାୟିକା କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ହିନ୍ଦୋଳ ବିଡିଓ କଲ୍ୟାଣ ଶୌରଭ ଦାସ, ହିନ୍ଦୋଳ ବ୍ଲକ ଅଧକ୍ଷା ସସ୍ମିତା ନାୟକ, ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ସମାଜ ମଙ୍ଗଳ ଅଧିକାରୀ ରୋହିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# ନଡ଼ା ଗଦାରେ ନିଆଁ ଲଗାଇଲେ ଦୁର୍ବୃତ୍ତ



ପରଜଙ୍ଗ, ୧୬।୧ (ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ଥାନା କୁଆଁଳୋ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ନଡ଼ା ଗଦାରେ ଦୁର୍ବୃତ୍ତମାନେ ନିଆଁ ଲଗାଇଦେଇଛନ୍ତି। ଏ ନେଇ ମାଲିକ ଶୁକଦେବ ରଣା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଶୁକଦେବ ନିଜ ଘରଠାରୁ ତିନି ଶହ ମିଟର ଦୂରରେ ଥିବା ଖଳାରେ ୨୨ ହଜାର ନଡ଼ା ଗଛିତ ରଖିଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ନିଆଁ ଲାଗୁଥିବା ଜାଣିପାରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ନଡ଼ା ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କୁଆଁଳୋ ଗ୍ରାମର ଜନୈକ ବ୍ୟକ୍ତି ନିଆଁ ଲଗାଇ ଦେଇଥିବା ନେଇ ଶୁକଦେବ ପରଜଙ୍ଗ ଥାନାରେ ଗୁରୁବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ ରହିଛି।

# ସିଏମ୍ ଟ୍ରଫି ପାଇଁ ଜିଲାସ୍ତରୀୟ ଫୁଟ୍‌ବଲ ଚାମ୍ପିୟନଶିପ୍ ଆରମ୍ଭ



ଢେଙ୍କାନାଳ, ୧୬।୧ (ରତନ ନାୟାର)

ସ୍ଥାନୀୟ ମୁଖ୍ୟ ଷ୍ଟାଡ଼ିୟମଠାରେ ସି.ଏମ୍ ଟ୍ରଫି ହାସଲ ନିମନ୍ତେ ଜିଲାସ୍ତରୀୟ ୧୫ବର୍ଷରୁ କମ୍ ବର୍ଗର ଇଣ୍ଟର କ୍ଲବ ପ୍ରତିଯୋଗିତା ଶୁଭାରମ୍ଭ ହୋଇଛି। ଏହି ପ୍ରତିଯୋଗିତାକୁ ଜିଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ ଉଦଘାଟନ କରିଥିଲେ। ପାଠ ସହିତ କ୍ରୀଡ଼ା ଅଭ୍ୟାସି ଜ ଶରୀର ଓ ଜୀବନ ଗଠନରେ ସହାୟକ ହୋଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ । ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠି ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରୀଡ଼ା ଜୀବନ ଶୈଳୀରେ ପରିବର୍ତ୍ତନ ଆଣିଥାଏ ବୋଲି ପ୍ରକାଶ କରିଥିଲେ। ଜିଲା କ୍ରୀଡ଼ା ସଂଘର ସମ୍ପାଦକ ନଳିନୀ ଦାଶ, କ୍ରୀଡ଼ା ଅଧିକାରୀ ସୁଦିପ୍ତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଅଛି। ଜିଲ୍ଲା ପ୍ରଶାସନ ଓ କ୍ରୀଡ଼ା ସଂଘର ମିଳିତ ସହଯୋଗରେ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି ଫୁଟବଲ ଚାମ୍ପିୟନଶିପ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଜିଲାର ୮ଟି କ୍ଲବ ଅଂଶଗ୍ରହଣ କରିଛନ୍ତି। ଶେଷରେ କ୍ରୀଡା ଅଧିକାରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଖ୍ୟାତ ଘୋଷକ ଅମୀୟ କୁମାର ଚାନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ



ଢେଙ୍କାନାଳ, ୧୬।୧ (ରତନ ନାୟାର)

ଢେଙ୍କାନାଳ ଜିଲା ଓ ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ଶିବିର ବୁଧବାର ଉଦଯାପିତ ହୋଇଯାଇଛି। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟ ଉପାଧକ୍ଷ ସମରେନ୍ଦ୍ର ସିଂ, ପାଠ ପଢ଼ା ସହିତ ଆତ୍ମରକ୍ଷା ପ୍ରଶିକ୍ଷଣ ଜାରି ରଖିବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଦୁର୍ଗାମାଧବ ପାଣିଗ୍ରାହୀ ଦୀର୍ଘ ୮ ଦିନ ଧରି ଚାଲୁଥିବା ପ୍ରଶିକ୍ଷଣ ଶିବିରକୁ ସୁଚାରୁ ରୂପେ ସମ୍ପାଦନା କରିଥିଲେ। ଅଧ୍ୟାପକ ସୁଶିଲ କୁମାର ନାୟକ, ନିହାର ରଞ୍ଜନ ମଲିକ, କ୍ରୀଡ଼ା ଶିକ୍ଷକ ଚିରଞ୍ଜୀବ ବୋଷ ସହଯୋଗ କରିଥିଲେ। ସମସ୍ତ ଛାତ୍ରୀମାନଙ୍କୁ ମାନପାତ୍ର ପ୍ରଦାନ କରାଯାଇଥିଲା। ଶିବିରରେ ମୋଟ ୭୧ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ସୀମା ପ୍ରିୟଦର୍ଶିନୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଅପବ୍ୟବହାର ସମ୍ପର୍କରେ ଆଲୋଚନା

ବନ୍ତଳା, ୧୬।୧ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଳା ସ୍ନାତକ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ବିବେକାନନ୍ଦ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରାଧ୍ୟାପକ ବାମାକାନ୍ତ ଗଡ଼ନାୟକ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ଅପବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। ସଭାରେ ନିଖିଳ ରଞ୍ଜନ ସାହୁ, ଜ୍ୟୋତ୍ସ୍ନାରାଣୀ ସାହୁ, ପବିତ୍ର କୁମାର ଦେହୁରୀ, ଅଦ୍ୱୈତ ପ୍ରସାଦ ସାହୁ, ବବିତା ପ୍ରଧାନ, ଗଙ୍ଗାଧର ସାହୁ ଓ ଅନିଲ କୁମାର ପ୍ରଧାନ ଯୋଗଦେଇ ମତାମତ ପ୍ରଦାନ କରିଥିଲେ। ଏଥିରେ ଶତାଧିକ ଛାତ୍ରୀଛାତ୍ର ଲାଭାନ୍ୱିତ ହୋଇଥିଲେ।




# ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ




ସାତମାଇଲ, ୧୬।୧ (ସୁଶାନ୍ତ ପତି)

ହିନ୍ଦୋଳ ଉପଖଣ୍ଡ ପାଇକପୁରୁଣାକୋଟ ସ୍ଥିତ ପାରିକୂଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୬ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ୮ ଦିନ ଧରି ଚାଲିଥିବା ବାଳିକାମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ଉଦଯାପିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷା ସସ୍ମିତା ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପୂର୍ବତନ ଅଧକ୍ଷ ଧିରେନ କୁମାର ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆତ୍ମରକ୍ଷା କୌଶଳର ଗୁରୁତ୍ୱ ଉପରେ ଆଲୋଚନା କରି ଛାତ୍ରୀମାନେ ଆତ୍ମନିର୍ଭରଶୀଳ ହୋଇ ନିଜର ଆଗାମୀ ଭବିଷ୍ୟତ ଗଠନ କରି ସମାଜ କଲ୍ୟାଣରେ ବ୍ରତୀ ହେବାକୁ ଶିବିରାର୍ଥୀମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ। ଅଧ୍ୟାପକ ଚିନ୍ମୟ କୁମାର ସାହୁ, ଅଧ୍ୟାପିକା ସମିତା ସାହୁ, ଅନିମା ସାହୁ, ମୀନା ଦଳେଇ ଉପସ୍ଥିତ ଥିଲେ। ତାଲିମ ନେଇଥିବା ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ମାଷ୍ଟରଟ୍ରେନର ସ୍ମୃତି ଭୋଇ ୭୧ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର କର୍ମଚାରୀ ମନୋରଞ୍ଜନ ଗଡ଼ନାୟକ, ଅବିନାଶ ନାଏକ, ନବକିଶୋର ପ୍ରଧାନ, ସୁବାଷ ଚନ୍ଦ୍ର ଦେହୁରୀ, ଈଶ୍ୱର ସାହୁ ଓ ରୋହିତ ସାହୁ ସହଯୋଗ କରିଥିଲେ। ଶେଷରେ ଖେଳ ଶିକ୍ଷକ ବିପ୍ରବର ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




କାମାକ୍ଷାନଗର, ୧୫।୧ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା ମଠକରଗୋଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ନିମନ୍ତେ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଚିତ୍ତରଞ୍ଜନ ଦାଶ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅର୍ଚ୍ଚିତା ମହାମାନସିଂ ଶିବିରର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଆଭ୍ୟନ୍ତରୀଣ ଗୁଣବତ୍ତା ପ୍ରକୋଷ୍ଠର ସଂଯୋଜିକା ବରିଷ୍ଠ ଅଧ୍ୟାପିକା ସ୍ୱପ୍ନିତା ରାଉତ ଛାତ୍ରୀମାନଙ୍କୁ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ଅଧ୍ୟାପିକା ସବିତା ଦେହୁରୀ ଓ ଦିପ୍ତିମୟୀ ସାହୁ ପ୍ରତିକୂଳ ପରିସ୍ଥିତିକୁ ସମ୍ମୁଖୀନ ହେବା ନିମନ୍ତେ ଉକ୍ତ ପ୍ରଶିକ୍ଷଣ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଦୁଇ ପ୍ରଶିକ୍ଷିକା ସୌଦାମିନୀ ସାହୁ ଏବଂ ଲୁଇସ ସାମା ଛାତ୍ରୀମାନଙ୍କୁ ନିର୍ଭିକ ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ବିଜୟିନୀ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ଗଣତନ୍ତ୍ର ସୁଦୃଢ଼ ପାଇଁ ଗୁଣାତ୍ମକ ସାମ୍ବାଦିକତା କର

## ଆଇଆଇଏମସି ଛାତ୍ରୀଛାତ୍ରଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପରାମର୍ଶ

ଢେଙ୍କାନାଳ, ୧୬।୧ (ରତନ ନାୟାର)



କପିଳାସଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଢେଙ୍କାନାଳ ଭାରତୀୟ ଜନ ସଂଚାର ସଂସ୍ଥାନର ଛାତ୍ରୀଛାତ୍ରମାନେ ଆଲୋଚନା କରିଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ କହିଲେ ଯେ, ଗଣତନ୍ତ୍ର ସୁଦୃଢ଼ ପାଇଁ ଗୁଣାତ୍ମକ ସାମ୍ବାଦିକତା କର। ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଅ। ସାଧାରଣ ଜନତାଙ୍କ ସ୍ୱରକୁ ସରକାରଙ୍କ ପାଖରେ ପହଞ୍ଚାଅ। ଛାତ୍ରୀଛାତ୍ର ସହ ଆସିଷ୍ଟାଣ୍ଟ ପ୍ରଫେସର ଡ଼. ବିରଞ୍ଚି ନାରାୟଣ ସେଠ ଉପସ୍ଥିତ ଥିଲେ।

# ନିଶାମୁକ୍ତ କ୍ୟାମ୍ପସ ଉପରେ ଧ୍ୟାନଦେବାକୁ ପରାମର୍ଶ

ଛେଣ୍ଡିପଦା, ୧୬।୧ (ଅଜିତ ଧଳ)

ଏବିଭିପି ଛେଣ୍ଡିପଦା ନଗର ତରଫରୁ ଛେଣ୍ଡିପଦା ଯୋଗକେନ୍ଦ୍ର ପରିସରରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏଏସ୍‌ଆଇ ତ୍ରିଲୋଚନ ଜେନା ଯୋଗଦେଇ ବିଦ୍ୟାର୍ଥୀମାନେ ନିଶାମୁକ୍ତ କ୍ୟାମ୍ପସ ଉପରେ ଧ୍ୟାନଦେବା ସହ ରାଷ୍ଟ୍ରବାଦରେ ଚାଲିବା ପାଇଁ ମାର୍ଗ ଦର୍ଶନ କରିଥିଲେ। ମୁଖ୍ୟବକ୍ତା ଭାବେ ଏବିଭିପି କ୍ଷେତ୍ରୀୟ ସହସଙ୍ଗଠନର ତ୍ରୈଲୋଚନ ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ସଙ୍ଗଠନ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ଉପସ୍ଥିତ ଥିଲେ। ଏହି ଅବସରରେ ନଗର ସମ୍ମିଳନୀ ସଭାପତି



ସଭାପତି ଭାବେ ଶ୍ରୀକାନ୍ତ କୁମାର ସାହୁ, ଉପସଭାପତି ପୀତାମ୍ବର ମହାପାତ୍ର ଓ ପ୍ରଶାନ୍ତ କୁମାର ପାତ୍ର, ସମ୍ପାଦକ ଜଗନ୍ନାଥ ସାହୁ, ସହସମ୍ପାଦକ ରିତେଶ ସେନାପତି, ଗୀତାଞ୍ଜଳୀ ବେହେରା, ପ୍ରୀତିମଞ୍ଜରୀ ଭୂତିଆ, ଚନ୍ଦନ ସାହୁ ପ୍ରମୁଖଙ୍କୁ ନିର୍ବାଚିତ କରାଯାଇଥିଲା। ରଞ୍ଜୁବାଳା ପ୍ରଧାନ, କ୍ରୀଷ୍ଣା ବାଘ, ଯୋଗେଶ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ଜିଲା ମୁଖ୍ୟ ମାର୍ଗ ପ୍ରମୁଖ ଜଗନ୍ନାଥ ସାହୁ, ବିଧାୟକ ଅଗସ୍ତି ବେହେରା, ଲକ୍ଷ୍ମଣ ସେନାପତି, ଅକ୍ଷୟପାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଂଯୋଜକ ଆଶିଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

